SAMBAD
ସମ୍ବାଦ
ଆମ ରାଜ୍ୟ
ଭୁବନେଶ୍ୱର ୩
୧୩ ଫେବୃଆରି ୨୦୧୭

## ଭୁବନେଶ୍ୱର ଆଇଆଇଟିର ନବମ ପ୍ରତିଷ୍ଠା ଦିବସ

# ଗରିବି ହଟାଇବାକୁ ବାଟ କାଢ଼

ଭୁବନେଶ୍ୱର/ଜଟଣୀ,୧୨।୨(ଇମିସ): ଦେଶରେ ବହୁ ଗରିବ ଓ ଅବହେଳିତ ଲୋକ ଅଛନ୍ତି। ସେମାନଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବାକୁ ପଡ଼ିବ। ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ କରି ଦେଶରେ ଗରିବି ହଟାଇବାକୁ ବାଟ ବାହାର କରିବା ପାଇଁ ଆଇଆଇଟି ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏଥି ପାଇଁ ନିଜର ସୃଜନଶୀଳତାକୁ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଆହ୍ୱାନ

- ୨୦୧୭-୧୮ରେ ୩୫୦ ବି.ଟେକ୍ ସିଟ୍‌ରେ ନାମଲେଖା
- ୩ ବର୍ଷ ପାଇଁ କେନ୍ଦ୍ର ସରକାର ଦେବେ ୧୧୮୦ କୋଟି

ଭୁବନେଶ୍ୱର ଆଇଆଇଟିର ନବମ ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପ୍ରଧାନ କହିଲେ, ଦେଶର ଅର୍ଥନୈତିକ ବିକାଶ ଦିଗରେ ପୂର୍ବ ଭାରତର ପ୍ରମୁଖ ଭୂମିକା ରହିଛି। ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗରେ ଉନ୍ନତମାନର ଲୌହ ସାମଗ୍ରୀ ଭରି ରହିଛି। ସେଗୁଡ଼ିକର ସଦ୍‌ବିନିଯୋଗ କରିବା ବର୍ତ୍ତମାନ ସମୟରେ ଦେଶ ପାଇଁ ଆହ୍ୱାନ ପାଲଟିଛି। ଏଥି ସହ ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ଆଧୁନିକ ଜ୍ଞାନକୌଶଳ ମାଧ୍ୟମରେ କରାଯାଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଭୁବନେଶ୍ୱର ଆଇଆଇଟି ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ କହିଲେ, ଏଠାରେ ଖୋଲାଯାଇଥିବା ଷ୍ଟାର୍ଟ ଅପ ସେଣ୍ଟର୍ ଦେଶର ଯୁବକ ଯୁବତୀଙ୍କୁ ଉଦ୍ୟୋଗୀ କରିବା କ୍ଷେତ୍ରରେ ସହାୟକ ହେବ। ଏହି ସେଣ୍ଟର୍‌କୁ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରାଳୟ ପକ୍ଷରୁ ଆବଶ୍ୟକୀୟ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ବୋଲି ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ। ଦେଶରେ ତୈଳ ଓ ପ୍ରାକୃତିକ ଗ୍ୟାସ୍‌ର ସ୍ୱଳ୍ପତା କାରଣରୁ ଭାରତ ଭଳି ଦେଶର ପ୍ରଗତି ପ୍ରଭାବିତ ହେଉଛି। ଏଦିଗରେ ଆଇଆଇଟି ଛାତ୍ରଛାତ୍ରୀ ନୂତନ ବାଟ ବାହାର କରିବା ପାଇଁ ସକ୍ଷମ ହେବେ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଥିଲେ।

ପ୍ରତିଷ୍ଠା ଦିବସ ଅବସରରେ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭେଡକର ଟେଲିଫୋନ୍ ଯୋଗେ ଛାତ୍ରଛାତ୍ରୀ, ଅଧ୍ୟାପକଙ୍କୁ ଶୁଭେଚ୍ଛା ଦେଇ କହିଲେ, ଉଚ୍ଚଶିକ୍ଷା କ୍ଷେତ୍ରରେ ଆଇଆଇଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରୁଛି। ଏଦିଗରେ ଭୁବନେଶ୍ୱର ଆଇଆଇଟି ଛାତ୍ରଛାତ୍ରୀ ମଧ୍ୟ ଭଲ କାର୍ଯ୍ୟ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ। ଏହାର ଭିତ୍ତିଭୂମି ବିକାଶ ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ବଦ୍ଧ ପରିକର ବୋଲି ସେ କହିଥିଲେ। ନାଇଜର୍‌ର ନିର୍ଦ୍ଦେଶକ ପ୍ରଫେସର୍ ଭି. ଚନ୍ଦ୍ରଶେଖର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦୀକ୍ଷାନ୍ତ ଭାଷଣ ଦେଇଥିଲେ।




ଭୁବନେଶ୍ୱର ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜାକୁମାର ସ୍ୱାଗତ ଭାଷଣ ଦେଇ କହିଲେ, ୨୦୧୭-୧୮ ଶିକ୍ଷାବର୍ଷରେ କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ବିଷୟରେ ମାଷ୍ଟର ଡିଗ୍ରି ଖୋଲିବ। ଏଥିସହ ନେଟ୍‌ୱାର୍କିଂ, ସାଇବର ସୁରକ୍ଷା ବିଷୟରେ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯିବ। ବି.ଟେକ୍ ସିଟ୍ ସଂଖ୍ୟା ୩୫୦ କରିବାକୁ ନିଷ୍ପତ୍ତି ହୋଇଛି। ପିଲାଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ନାଇଜର୍‌ର ଆଉ ଏକ ହଷ୍ଟେଲ୍‌ରେ ଆଇଆଇଟି ଛାତ୍ରଛାତ୍ରୀଙ୍କୁ ରଖାଯିବ। କ୍ୟାମ୍ପସ୍‌ର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇଛି। କ୍ଲାସରୁମ୍ କମ୍ପ୍ଲେକ୍ସ, ଛାତ୍ରଛାତ୍ରୀ ଏବଂ ଅଧ୍ୟାପକଙ୍କ ଲାଗି ଏକ ସେଣ୍ଟର୍, ୫୦୦ ସିଟ୍ ବିଶିଷ୍ଟ ଅଡିଟୋରିୟମ୍, ହଷ୍ଟେଲ, କ୍ୱାର୍ଟର୍ସ କାର୍ଯ୍ୟ ଜାରି ରହିଛି। ମାନବସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ଆସନ୍ତା ୩ ବର୍ଷରେ ଆଇଆଇଟିକୁ ୧୧୮୦ କୋଟି ଟଙ୍କା ମିଳିବ। ସେଥିରୁ ୭୮୦ କୋଟି ଟଙ୍କା ଭିତ୍ତିଭୂମି ବିକାଶ ଲାଗି ରହିଥିବା ସେ ସୂଚନା ଦେଇଥିଲେ।

ଏହି ଅବସରରେ ପ୍ରଫେସର ୱାଇ.ଜି. ଭୋମକାର, ପ୍ରଫେସର ମିହିର ପଣ୍ଡିତ, ପ୍ରଫେସର ଅରିନ୍ଦମ୍ ସରକାର ଏବଂ ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀମତୀ ମହାନ୍ତିଙ୍କ ଅନୁପସ୍ଥିତିରେ ତାଙ୍କର ଜଣେ ସହଯୋଗୀ ଏହାକୁ ଗ୍ରହଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଡିନ୍ ପ୍ରଫେସର ଭି.ଆର. ପେଡିରେଡ୍ଡୀ ଧନ୍ୟବାଦ ଦେଇଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।